## ‘ନାଓ ସଭ୍ୟପଦ ଧାରା

ନ୍ୟାସ୍‌ନ୍ୟାଲ୍ ଆଲିଏନ୍‌ସ ଅଫ୍ ୱିମେନ୍ (ନାଓ) ଏକ ସଭ୍ୟପଦଭିତ୍ତିକ ଅନୁଷ୍ଠାନ ।

ତୃଣମୂଳ ମହିଳାକର୍ମୀଙ୍କ ବହୁଳ ସହଯୋଗ ପାଇଁ ସୁଯୋଗ ପ୍ରଦାନ ଏବଂ କ୍ଷୁଦ୍ରତର ମହିଳା ଓ ସଂଗଠନଗୁଡ଼ିକୁ ଜାତୀୟ ମଞ୍ଚକୁ ଆଣିବା ଉଦ୍ଦେଶ୍ୟରେ ଆମେ ଅତ୍ୟନ୍ତ ସର୍ବନିମ୍ନ ଓ ଦେଇପାରିବା ଭଳି ସଭ୍ୟ ପଦ ଦେୟ ସ୍ଥିର କରିଛୁ । ଆମେ ଆଶା କରୁଛୁ ଏହା ନିଶ୍ଚିତ ‘ନାଓ’ ପାଇଁ ଏକ ବ୍ୟାପକ ଏବଂ ସୁବିସ୍ତୃତ ବାତାବରଣ ସୃଷ୍ଟି କରିବ ଏବଂ ଆଞ୍ଚଳିକ ମହିଳାମାନଙ୍କର ଜିଜ୍ଞାସାବୋଧକୁ ବାସ୍ତବଭାବେ ପ୍ରତିଫଳିତ କରାଇବ ।

ଆଶା କରୁ ସଭ୍ୟପଦ ଦେୟ ହତୋତ୍ସାହକାରୀ ଭୂମିକା ନେବ ନାହିଁ ବରଂ ‘ନାଓ’ର ସମସ୍ତ ସଭ୍ୟଙ୍କ ମଧ୍ୟରେ ସ୍ଥିରୀକୃତ ସମ୍ମିଳିତ ଧାରାରେ ସହଯୋଗିତାର ସ୍ପନ୍ଦନ ସୃଷ୍ଟି କରିବ ।

| | ବାର୍ଷିକ ସଭ୍ୟଦେୟ | ଆଜୀବନ ସଭ୍ୟଦେୟ |
|---|---|---|
| (କ) ୧. ପ୍ରାଥମିକ ସଭ୍ୟପଦ (ତୃଣମୂଳ ମହିଳା ସଂଘ, ମହିଳା ମଣ୍ଡଳ, ସଂଗଠନ ଆଦି) | ନାହିଁ | ଟ ୨୦୦.୦୦ |
| ୨. ମହିଳା ସଂଗଠନ (ବେସରକାରୀ/ ବୃହତ୍ ଅନୁଷ୍ଠାନ) | ଟ ୨୦୦.୦୦ | ଟ ୨୦୦୦.୦୦ |
| ୩. ବ୍ୟକ୍ତିବିଶେଷ ସଭ୍ୟ : | | |
| କ) ବୃତ୍ତିଧାରୀ | ଟ ୨୦୦.୦୦ | ଟ ୨୦୦.୦୦ |
| ଖ) ଛାତ୍ର (ଅଧ୍ୟୟନ) | ଟ ୫୦.୦୦ | ଟ ୫୦୦.୦୦ |
| ଗ) କର୍ମୀ | ଟ ୫୦.୦୦ | ଟ ୫୦୦.୦୦ |
| (ଖ) ସହଯୋଗୀ ସଭ୍ୟ : | | |
| ୧. ମହିଳା ମଞ୍ଚ, ମହାସଂଘ ଲୋକ ସଂଗଠନ, ସ୍ୱତନ୍ତ୍ର ବାଣିଜ୍ୟ ସଂଘ ଆଦି | ଟ ୨୫୦.୦୦ | ଟ ୨୫୦୦.୦୦ |
| ୨. ଅନୁଷ୍ଠାନ - ମହିଳା ଅଧ୍ୟୟନ, ଗବେଷଣା କେନ୍ଦ୍ର ଏବଂ ଅନ୍ୟାନ୍ୟ | ଟ ୨୫୦.୦୦ | ଟ ୨୫୦୦.୦୦ |

## ସଭ୍ୟପଦ ପତ୍ର ଦାଖଲ

ମୂଳତଃ ଆଞ୍ଚଳିକ /ରାଜ୍ୟସ୍ତରରେ ସଭ୍ୟ ସଂଗ୍ରହ ଅଭିଯାନ କରାଯିବ କାରଣ ସମସ୍ତ ସଭ୍ୟ କେନ୍ଦ୍ର ଶାଖା ସହ ପ୍ରତ୍ୟକ୍ଷ ସଂପର୍କରେ ରହିଥାନ୍ତି । ଏହା ‘ନାଓ’ର ରାଜ୍ୟଶାଖାକୁ ମଧ୍ୟ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିବ ।

ତେଣୁ ଦୟାକରି ଆପଣଙ୍କ ଦରଖାସ୍ତ ରାଜ୍ୟର ସଂପୃକ୍ତ ‘ନାଓ’ କେନ୍ଦ୍ରକୁ ପଠାନ୍ତୁ ।

## ‘ନାଓ’-ଓଡ଼ିଶା

୧. ପ୍ରମିଳା ସ୍ୱାଇଁ, ଆବାହିକା (ନାଓ)
"FARR", ମୁନିଗୁଡ଼ା -୭୬୫୬୨୦
ରାୟଗଡ଼ା (ଓଡ଼ିଶା)
ଦୂରଭାଷ:୦୬୮୬୩-୨୭୭୭୮୭,୮୭,୪୭
ଫାକ୍ସ : ୦୬୮୬୩-୨୪୫୩୪୫
E-mail: pramilaswain@yahoo.co.in

୨. ଲଳିତା ମିଶ୍ର, ରାଜ୍ୟ ସଂଯୋଜିକା
"ଜି.ଆର.ଟି.ସି.", ଏନ୍-୬/୪୭୪
ଜୟଦେବ ବିହାର, ଭୁବନେଶ୍ୱର-୧୫
ଦୂରଭାଷ:(୦୬୭୪) ୨୫୫୧୨୮୩
Email: lm_mlalita@rediffmail.com

୩. ସନ୍ଧ୍ୟାରାଣୀ ନାୟକ
ଘୁମୁସର ମହିଳା ସଂଗଠନ
ହୁବାକ୍ ହାଇସ୍କୁଲ ରୋଡ଼,
ସା/ପୋ : ଜି. ଉଦୟଗିରି
ଜି : କନ୍ଧମାଳ - ୭୬୨୧୦୦
ଦୂରଭାଷ : (୦୬୮୪୨) ୨୫୮୧୨୬
Email: gmskuidina@yahoo.com

୪. ଶୁଭଶ୍ରୀ ରାୟ, "ପ୍ରଗତୀ",
ସା: ମହେସଡିହି, ପୋ: ସୁନ୍ଦରଗଡ଼
ଜି: ସୁନ୍ଦରଗଡ଼-୭୭୦୦୦୧
ଦୂରଭାଷ: (୦୬୬୨୨) ୨୭୨୭୧୧
Email: rkl_spragati@sanchamet.in

୫. ଡଃ ଦିପ୍ତି ପଟ୍ଟନାୟକ, "ସ୍ୱସ୍ଥାନ"
ସା: ବୁକ୍‌ସହିଲ, ପୋ: ସମ୍ବଲପୁର-୦୧
ଦୂରଭାଷ: (୦୬୬୩) ୨୪୦୫୧୦୨

୬. ସଂଯୁକ୍ତା ଶତପଥି, "ପିପାର"
୯୬୬/ଏ, ପ୍ରକୃତି ବିହାର, ବରମୁଣ୍ଡା
ଭୁବନେଶ୍ୱର - ୭୫୧୦୦୩
ଦୂରଭାଷ: (୦୬୭୪) ୨୫୬୨୮୨୩
Email: piparbbsr@sify.com

୭. ଆରାଧନା ନନ୍ଦ, "ଫାର୍"
ତାରିଣୀ ମନ୍ଦିର ରୋଡ଼, ଭବାନୀପାଟଣା,
କଳାହାଣ୍ଡି-୭୬୬୦୦୧
ଦୂରଭାଷ: (୦୬୬୭୦) ୨୩୦୧୦୫
Email: farrkld@yahoo.co.in

୮. ବିଶାଖା ଭଞ୍ଜ, "ନାରୀଶକ୍ତି"
ସା: ରାମଗଡ଼ କନିକା ଛକ,
ପୋ: ତୁଳସୀପୁର, କଟକ-୭୫୩୦୦୮
ଦୂରଭାଷ: (୦୬୭୧) ୨୩୬୧୪୨୪
Email: bhanja@satyam.net.in

୯. ଗୀତା ଦେବୀ, "ପ୍ରେମ୍"
ସା: ମାଣ୍ଡିଆପଲ୍ଲୀ, ରଙ୍ଗେଇଲୁଣ୍ଡା
ପୋ: ଭଞ୍ଜବିହାର, ବ୍ରହ୍ମପୁର-୦୭
ଦୂରଭାଷ: (୦୬୮୦)୨୨୪୨୨୬୬
Email:prem@unv.ernet.in

୧୦. ବିଦ୍ୟୁଲତା ହୁଇକା, "ଅଙ୍କୁରଣ"
ସା: କସ୍ତୁରୀନଗର, ରାୟଗଡ଼ା-୦୧
ଦୂରଭାଷ: (୦୬୮୫୬) ୨୨୩୧୪୭
Email: ankuran@rediffmail.com

୧୧. କସ୍ତୁରୀ ମହାପାତ୍ର
ଓପନ୍ ଲର୍ଣ୍ଣିଙ୍ଗ୍ ସିଷ୍ଟମ୍‌ସ
ଜି - ୩ଏ/୧, ଗାଡ଼କଣ ମୌଜା
ମଞ୍ଚେଶ୍ୱର ରେଲୱେ କଲୋନୀ,
ଭୁବନେଶ୍ୱର - ୭୫୧୦୧୭
ଦୂରଭାଷ:(୦୬୭୪) ୨୩୦୧୬୨୬
Email: ols_director@yahoo.com

୧୨. ପ୍ରମିଳା ପଣ୍ଡା, "ୱାର୍ଡ଼"
ସା : ଖଜୁରିଆ, ପୋ: ଆକୁଳ
ଶିରିଗିଡ଼ିଆ, କେଉଁଝର-୭୫୮୦୭୬
ଦୂରଭାଷ : ୦୯୪୩୭୨୫୧୩୭୩
Email:wordkjr@rediffmail.com

୧୩. ସ୍ନେହ ମିଶ୍ର, "ଆଇନା"
ଏନ୍-୬/୩୬୫, ଜୟଦେବବିହାର
ନୟାପଲ୍ଲୀ, ଭୁବନେଶ୍ୱର-୧୫
ଦୂରଭାଷ : (୦୬୭୪) ୨୫୫୦୧୦୦
Email: aaina50@hotmail.com

୧୪. ଶଶୀପ୍ରଭା ବିନ୍ଧାଣୀ, "ସୋଡ଼ା'
ସା-ଇନ୍ଦୁପହି, ପୋ: ଲକ୍ଷ୍ମୀପଶି
ଜି: ମୟୂରଭଞ୍ଜ-୭୫୭୧୦୭
ଦୂରଭାଷ:(୦୬୭୯୨)-୨୭୮୧୭୯

**ଯୋଗାଯୋଗ ଠିକଣା:**

ଦି ନ୍ୟାସନାଲ ଆଲାଏନ୍‌ସ ଅଫ୍ ୱିମେନ୍, ଓଡ଼ିଶା ଶାଖା
ଏନ୍-୬/୪୭୪, ଜୟଦେବ ବିହାର
ଭୁବନେଶ୍ୱର-୭୫୧୦୧୫
ଦୂରଭାଷ: (୦୬୭୪) ୨୫୫୩୦୯୪
ଫାକ୍ସ : ୨୩୬୦୯୧୧
Email : nawo_orissa@rediffmail.com
nawo_orissa@sify.com

# "ନାଓ"

(ନ୍ୟାସନାଲ୍ ଆଲିଏନ୍‌ସ ଅଫ୍ ୱିମେନ୍, ଓଡ଼ିଶା ଶାଖା)

ଏନ୍-୬/୪୭୪, ଜୟଦେବ ବିହାର
ଭୁବନେଶ୍ୱର-୭୫୧୦୧୫
ଦୂରଭାଷ: (୦୬୭୪) ୨୫୫୩୦୯୪
ଫାକ୍ସ : ୨୩୬୦୯୧୧
Email: nawo_orissa@rediffmail.com
nawo_orissa@sify.com



# ବିକାଶ, ସାମାଜିକ ନ୍ୟାୟ ଏବଂ ଶାନ୍ତି ପାଇଁ ମହିଳା ସଂଗୋଷ୍ଠୀ

## 'ନାଓ' କଣ ?

ନ୍ୟାସନାଲ ଆଲିଏନ୍‌ସ ଅଫ୍ ୱିମେନ୍ (ନାଓ) ଜାତୀୟ ସ୍ତରର ଏକ ମହିଳା ସଂଗୋଷ୍ଠୀ । ଏହା ଏକ ବିସ୍ତୃତ ଅନୁଷ୍ଠାନ ଏବଂ ଏହାର ସଭ୍ୟପଦ 'ନାଓ'ର ନୀତି, ଲକ୍ଷ୍ୟ, ମୂଲ୍ୟବୋଧ ଓ ସର୍ବୋପରି ବ୍ୟାଖ୍ୟାୟିତ ଦୃଷ୍ଟିକୋଣରୁ ଗ୍ରହଣ କରୁଥିବା ସମସ୍ତ ପ୍ରଗତିଶୀଳ ମହିଳା ଦଳ ଏବଂ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ, ମହିଳା କର୍ମୀ, ମହିଳା ସଂଗଠନ, ବ୍ୟକ୍ତିବିଶେଷ ଏବଂ ଅନ୍ୟମାନଙ୍କ ପାଇଁ ଉନ୍ମୁକ୍ତ ।

## 'ନାଓ'-ଓଡ଼ିଶା

ଚତୁର୍ଥ ବିଶ୍ୱ ମହିଳା ସମ୍ମେଳନ ପୂର୍ବରୁ ଓଡ଼ିଶାରେ ମହିଳାମାନଙ୍କ ସଂଗୋଷ୍ଠୀକୁ ଦୃଢ଼ୀଭୂତ କରିବା ଏବଂ ତାହା ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲା । ପରବର୍ତ୍ତୀ ଅବସ୍ଥାରେ ବେଇଜିଂ ଅନୁମୋଦନକୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରାଇବା ପାଇଁ 'ନାଓ'-ଓଡ଼ିଶା କେନ୍ଦ୍ରୀୟ ଶାଖା ଗଠିତ ହୋଇଛି ଏବଂ ରାଜ୍ୟର ମହିଳାମାନଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବାପାଇଁ ସାମୂହିକ ଉଦ୍ୟମ ଅବ୍ୟାହତ ରଖିଛି ।

## ଆମର ଦୃଷ୍ଟିକୋଣ

ଐତିହାସିକ ପରିପ୍ରେକ୍ଷୀରେ ଲୋକ ସଂଗଠନ ଗୁଡ଼ିକ ସେମାନଙ୍କର ସାମାଜିକ ଦୃଷ୍ଟିକୋଣକୁ ବ୍ୟକ୍ତ କରୁଥିବା ବେଳେ ତାହାକୁ ଆହୁରି ବଳିଷ୍ଠ, ପରିପୁଷ୍ଟ ଆକୃତି ପ୍ରଦାନ ସହ 'ନାଓ' ସମାଜର ସଂପର୍କିତ ଦରିଦ୍ରତମ, ଅବହେଳିତ, ମହିଳା, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସଂପ୍ରଦାୟ ଆଦି ସମସ୍ତ ସ୍ତରରେ ତୀର୍ଯ୍ୟକ ଦୃଷ୍ଟି ରଖି ସେମାନଙ୍କୁ ଏକ ସଂଘୀୟ ଧାରା ଯୋଗାଇବାକୁ ଆଶାବାଦୀ ।

ଲୋକମାନଙ୍କ ଭିତରେ ଥାଇ ଆଞ୍ଚଳିକ ଓ ତୃଣମୂଳ ସ୍ତରରେ ମହିଳାମାନଙ୍କ ଅଭିଳାଷ ଯାହା ଜାତୀୟ ସ୍ତରରେ ଏକ ଶକ୍ତିଶାଳୀ ରାଜନୈତିକ ଶକ୍ତିଭାବେ ମୁଣ୍ଡ ଟେକିବ ସେଥିପାଇଁ 'ନାଓ' ସ୍ୱର ଉତ୍ତୋଳନ କରିବ । ଲୋକମାନଙ୍କ ଆଞ୍ଚଳିକ ଅଭିଳାଷକୁ ନ୍ୟାୟତଃ ଏବଂ ଅଧିକାର ସୂତ୍ରରେ ପ୍ରକାଶ କରିବକୁ 'ନାଓ' 'ଜାତୀୟତା' ଶବ୍ଦକୁ ପୁନଃ ବ୍ୟାଖ୍ୟା ପାଇଁ ପ୍ରଚେଷ୍ଟା କରିବ ।

## ଆମର ମୁଖ୍ୟ ସଂପୃକ୍ତି ମହିଳା

ଲିଙ୍ଗୀୟ ସମାନତା, ଗଣତାନ୍ତ୍ରିକ ଏବଂ ସମ୍ବେଦନଶୀଳ ସମାଜ ଯେଉଁଠାରେ ଉଭୟ ପୁରୁଷ ଓ ମହିଳାମାନଙ୍କ ଭାଗିଦାରିତା ଶାନ୍ତିପୂର୍ଣ୍ଣ ଭବିଷ୍ୟତ ଗଠନରେ ସେମାନଙ୍କର କର୍ତ୍ତବ୍ୟବୋଧକୁ ପରିପୂରଣ କରେ ତାହା 'ନାଓ'ର ଅନ୍ତଃଦୃଷ୍ଟି ।

ଏକ ପରିବ୍ୟାପ୍ତ ଜାତୀୟ ମଞ୍ଚ ଗଠନ କରି 'ନାଓ' ତାହାର ସଂଗୋଷ୍ଠୀକୁ ଦୃଢ଼ ଏବଂ ଶକ୍ତିଶାଳୀ କରିବ ଯେଉଁଠାରୁ ଫଳପ୍ରଦ ହସ୍ତକ୍ଷେପ ସମ୍ଭବପର ହୋଇପାରିବ ।

ଆପଣ ଆମର ଦୃଷ୍ଟିକୋଣରୁ ସମର୍ଥନ କରୁଥିଲେ ଏହାର ସହଯୋଗୀ ସଭ୍ୟଭାବେ 'ନାଓ'କୁ ଶକ୍ତିଶାଳୀ କରିବା ସହ ଆମର ମିଳିତ ଲକ୍ଷ୍ୟ ହାସଲ ପାଇଁ ଆଗେଇ ଆସିବାକୁ ଆମେ ଆହ୍ୱାନ ଜଣାଉଛୁ ।

## ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ

- ରାଜ୍ୟ ଏବଂ ଆଞ୍ଚଳିକ ସ୍ତରୀୟ ମହିଳା ଦଳ ଓ ସଂଗୋଷ୍ଠୀ ଗଠନ ତଥା ତାହାର ଦୃଢ଼ୀକରଣ । ସେଥିପାଇଁ ପ୍ରଶିକ୍ଷଣ, କର୍ମଶାଳା, ପାଠଚକ୍ର, କ୍ରିୟାନ୍ୱିତ ଗବେଷଣା ଓ ପ୍ରକାଶନ ଆଦିର ସହଯୋଗ ପ୍ରଦାନ କରିବା,
- ମହିଳା ସମସ୍ୟାର ସଫଳ ସମାଧାନ ପାଇଁ ଅଭିଯାନ କାର୍ଯ୍ୟକ୍ରମ ଗ୍ରହଣ କରିବା,
- ମହିଳାମାନଙ୍କର ଅଧିକାର ସୁରକ୍ଷା ପାଇଁ ଅନ୍ୟମାନଙ୍କୁ ପ୍ରଭାବିତ କରିବା ଏବଂ ଯୁକ୍ତି ଉପସ୍ଥାପିତ କରିବା,
- ସରକାରୀ ଯୋଜନା, ନୀତି-ନିୟମ ସହିତ ମହିଳା ସଂପର୍କିତ ସମସ୍ତ ଘଟଣାର ତଥ୍ୟକୁ ବିଭିନ୍ନ ଅଞ୍ଚଳର ମହିଳା ଦଳଗୁଡ଼ିକ ମଧ୍ୟରେ ପ୍ରଚାରିତ କରାଇବା,
- ସରକାରୀ ଯୋଜନା ଓ ସେଗୁଡ଼ିକର କାର୍ଯ୍ୟକାରିତା ପାଇଁ ସତର୍କକାରୀ ରୂପେ ସଂପୃକ୍ତ ସରକାରୀ ବିଭାଗଗୁଡ଼ିକ ସହ ଆଲୋଚନା କରିବା,
- ଆଞ୍ଚଳିକ ମହିଳା ସୂଚନା ଓ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ସୁଯୋଗ ପ୍ରଦାନ କରିବା,
- ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ମହିଳାମାନଙ୍କ ଆନ୍ଦୋଳନ ସହ ଯୋଗସୂତ୍ର ରଖିବା,
- ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଦିଗରେ ରଚନାତ୍ମକ କାର୍ଯ୍ୟ କରିବା,
- ଆଞ୍ଚଳିକ ମହିଳାମାନଙ୍କ ସ୍ଥିତିର ପର୍ଯ୍ୟବେକ୍ଷଣ ଏବଂ ସୂଚକତା ପାଇଁ ମହିଳା କମିଟି ଗଠନ କରିବ,
- ମହିଳାମାନଙ୍କ ସମସ୍ୟା ସଂପର୍କରେ ଅଧ୍ୟୟନ ଏବଂ ଗବେଷଣାକୁ ଉତ୍ସାହିତ କରାଇବା ଏବଂ ଏକ ଲିଙ୍ଗୀୟ ସମ୍ବେଦନ ପରିବେଶ ସୃଷ୍ଟି କରାଇବା,
- ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କର ସମାନ ସ୍ଥିତିର ସୁରକ୍ଷା ନିମନ୍ତେ ମହିଳା ଆଇନଜ୍ଞ ଏବଂ ଆଇନ ବିଶେଷଜ୍ଞ ସହ ମଧ୍ୟସ୍ଥତା ଓ ପର୍ଯ୍ୟାଲୋଚନା କରିବା,
- ସରକାରୀ ନୀତି-ନିର୍ଦ୍ଧାରଣ ଓ ପ୍ରଣୟନକାରୀ ବିଭାଗ ସହ ଘନିଷ୍ଠ ସଂପର୍କ ରଖିବା ଏବଂ ଫଳପ୍ରଦ ହସ୍ତକ୍ଷେପ ଦିଗରେ କାର୍ଯ୍ୟ କରିବା,
- ସରକାରୀ ଏବଂ ବେସରକାରୀ ସ୍ତରରେ ବେଇଜିଂ ସମ୍ମେଳନର ଅନୁମୋଦନକୁ ଅନୁସରଣ ହୋଇ କାର୍ଯ୍ୟ କରିବା ଏବଂ ସତର୍କତା ଅବଲମ୍ବନ କରିବା ।

## 'ନାଓ' ସଭ୍ୟଭାବେ ଆପଣଙ୍କୁ ସୁବିଧା

- 'ନାଓ' ସଂଗୋଷ୍ଠୀର ଅବିଭକ୍ତ ଅଂଶ ହୋଇଥିବାରୁ ଆପଣ ଏହାର ସାଧାରଣ ପରିଷଦର ଜଣେ ନିର୍ବାଚକ ସଭ୍ୟ ହୋଇ ପାରିବେ ।
- ଏହା ଏକ ଜାତୀୟ ମଞ୍ଚ ହୋଇଥିବାରୁ ମହିଳା ସଂପର୍କିତ ରାଜ୍ୟ/ଆଞ୍ଚଳିକ ସ୍ତରୀୟ ସମସ୍ୟାଗୁଡ଼ିକୁ ଉପସ୍ଥାପିତ କରାଇବାରେ 'ନାଓ'ର ସଭ୍ୟ ପଦ ଆପଣଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ହେବ । ରାଜ୍ୟ ସ୍ତରରେ ମହିଳା ଦଳ ଏବଂ ସଂଗଠନର ପ୍ରମୁଖ ଆବଶ୍ୟକତା ପରିପୂରଣ ପାଇଁ 'ନାଓ' ଏକ ଜାତୀୟ ଭିତ୍ତିଭୂମି ଆପଣଙ୍କୁ ଦେଇପାରିବ ।
- ମହିଳାମାନଙ୍କ ସଂପର୍କରେ, ମହିଳାମାନଙ୍କ ଆନ୍ଦୋଳନ ସଂପର୍କରେ ତଥା ସରକାରୀ ଯୋଜନା ଓ ନୀତି ସଂପର୍କରେ ସାଧାରଣ ସୂଚନା ଓ ବିବରଣୀ ଆଦି ବ୍ୟବହାର ପାଇଁ ଆପଣ ସପ୍ରସ୍ତୁତ ପାଇ ପାରିବେ ।
- 'ନାଓ'ର ସଭ୍ୟ ଭାବରେ ଆପଣ ବିକଶିତ ହେବାକୁ ସୁଯୋଗ ରହିବ ଏବଂ ସଂଖ୍ୟାଲଘୁ/ମୁସଲିମ୍ ମହିଳା ସଂଗୋଷ୍ଠୀ, ଦଳିତ ମହିଳା ସଂଘ, ପାର୍ବତ୍ୟାଞ୍ଚଳ ମହିଳା ଦଳ, ଆଦିବାସୀ ମହିଳା ମଞ୍ଚ ତଥା ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ଦଳ ଗୁଡ଼ିକ ସହ ଅଂଶୀଦାର ମଧ୍ୟ ହୋଇ ପାରିବେ ।
- ଆପଣଙ୍କ ରାଜ୍ୟର 'ନାଓ' କେନ୍ଦ୍ରୀୟ ସଭ୍ୟଙ୍କ ସହାୟତାରେ ପ୍ରତିଷ୍ଠିତ ବିଭିନ୍ନ ସମସ୍ୟା ଭିତ୍ତିକ ରାଜ୍ୟସ୍ତରୀୟ କମିଟିରେ ଆପଣ ଅଂଶ ଗ୍ରହଣ କରିପାରିବେ ।
- ଜଣେ ବିଷୟ ବିଶେଷଜ୍ଞ ଭାବେ ଆପଣଙ୍କ ବିଚାରକୁ ମହିଳାମାନଙ୍କ କ୍ଷେତ୍ରରେ ଥିବା ଏବଂ ମୁଣ୍ଡ ଟେକୁଥିବା ସମସ୍ୟା ପାଇଁ 'ନାଓ' ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଗ୍ରହଣ କରାଯିବ ।
- ସମସ୍ତ ରାଜ୍ୟରେ ଆଞ୍ଚଳିକ ସମ୍ବଳ କେନ୍ଦ୍ରଗୁଡ଼ିକ ଗଠନ ପାଇଁ ଆମେ ପ୍ରସ୍ତାବ ଦେଉଛୁ । ଏହା ଆପଣଙ୍କୁ ମହିଳାମାନଙ୍କ ସଂପର୍କିତ ଘଟଣାବଳୀର ନଥିକରଣ ଏବଂ ସୂଚନା ପାଇଁ ଅଧିକ ସହଜ କରାଇବ ।
- ଗୁରୁତ୍ୱପୂର୍ଣ୍ଣ ନଥି ଏବଂ ପୁସ୍ତକର ଆଞ୍ଚଳିକ ଭାଷାରେ ଅନୁବାଦ ପରି ଦାୟିତ୍ୱ ଗ୍ରହଣ କରିବାକୁ 'ନାଓ' ଯୋଜନା ଗ୍ରହଣ କରିଛି ଯାହା ମହିଳା ଦଳଗୁଡ଼ିକୁ ପ୍ରମୁଖ ସୂଚନା ଯୋଗାଇ ଦେଇ ପାରିବ ।
- ଜାତୀୟ ସ୍ତରରେ ମହିଳା ସଂପର୍କିତ ଏବଂ ମହିଳାମାନଙ୍କ ଆନ୍ଦୋଳନ ପାଇଁ ହସ୍ତକ୍ଷେପର ଆବଶ୍ୟକତା ପଡ଼ିଲେ ବିଭିନ୍ନ ସ୍ତରର ଜାତୀୟ ପରିଷଦ ତଥା ଜାତୀୟ ମାନବିକ ଅଧିକାର ଆୟୋଗ, ଜାତୀୟ ମହିଳା ଆୟୋଗ ଏବଂ ଅନ୍ୟ ମଞ୍ଚ ବା ଆୟୋଗ ଆଦିକୁ 'ନାଓ' ସୁଯୋଗ ପ୍ରଦାନ କରିବ ।
- ମହିଳାମାନଙ୍କୁ ଶିକ୍ଷାଦାନ ଏବଂ ବିଭିନ୍ନ କ୍ଷେତ୍ରରେ ସଶକ୍ତିକରଣ କରିବାକୁ ଆପଣ 'ନାଓ'ଠାରୁ କର୍ମଶାଳା ଏବଂ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମର ସୁଯୋଗ ପାଇପାରିବେ ।

**ଆମେ ଅଧିକ ଐକ୍ୟବଦ୍ଧ ହେଲେ ଅଧିକା ଶକ୍ତିଶାଳୀ ହେବା**